**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ**

ପତ୍ରସଂଖ୍ୟା. ୯୪୮ / ସୂ.ଲୋ.ସ., ତା. ୦୪/୦୨/୨୦୧୯

e-mail- dkl.dipro@gmail.com

ଦୂରଭାଷ- (୦୬୭୬୨)-୨୨୪୪୧୪

# ଢେଙ୍କାନାଳରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ

ଢେଙ୍କାନାଳ, ତା.୦୪.୦୨.୨୦୧୯ରିଖ:- ଢେଙ୍କାନାଳରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସନ୍ତୋଷ କୁମାର ନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟଠାରେ ଏକ ସଡ଼କ ସୁରକ୍ଷା ସଚେତନତା ରଥକୁ ଆରକ୍ଷୀ ଅଧୀକ୍ଷକ ଶ୍ରୀ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସ୍ଥାନୀୟ ବାଜିଚୌକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଏହି ସଚେତନତା ରଥ ଶୋଭାଯାତ୍ରା ସହିତ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଲୋକଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ ଓ ସତର୍କ କରାଇବା ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ଜୀବନ ରକ୍ଷା, ନିଶାଗ୍ରସ୍ତ ହୋଇ ଗାଡ଼ି ଚଳାନ୍ତୁ ନାହିଁ, ହେଲ୍‌ମେଟ୍ ପିନ୍ଧନ୍ତୁ- ଦୁର୍ଘଟଣା ଜନିତ ମୃତ୍ୟୁ ମୁଖରୁ ରକ୍ଷା ପାଆନ୍ତୁ, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ, ଗାଡ଼ି ଚଳାଇବା ସମୟରେ ସିଟ୍‌ବେଲ୍ଟ୍ ବାନ୍ଧନ୍ତୁ ପ୍ରଭୃତି ସ୍ଲୋଗାନ ଦେଇ ସଚେତନତା ରଥ ସହିତ ଛାତ୍ରଛାତ୍ରୀମାନେ ସହର ପରିକ୍ରମା କରିଥିଲେ । ୪୦ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲେଣ୍ଟିୟର ବ୍ୟାଚ୍ ଓ ଟୋପି ପ୍ରଦାନ କରାଯାଇଥିଲା । ଏହି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ତା.୦୪/୦୨/୨୦୧୯ରିଖ ଠାରୁ ତା. ୧୦/୦୨/୨୦୧୯ରିଖ ପର୍ଯ୍ୟନ୍ତ ଚାଲୁରହିବ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ଶ୍ରୀ ବିରଞ୍ଚି ନାରାୟଣ ପାଣି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ହରେକୃଷ୍ଣ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ବିନୟ କୃଷ୍ଣ କାମେଲା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସେଖ୍ ଅବଦୁଲ୍ କରିମ୍, ମୋଟରଯାନ ନିରୀକ୍ଷକ ଶ୍ରୀ ଶ୍ରୀବତ୍ସ କୁମାର ଦଳେଇ, ଅତିରିକ୍ତ ମୋଟରଯାନ ନିରୀକ୍ଷକ ଶ୍ରୀ ବିପିନ୍ ବିହାରୀ ଦାଶ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବସନ୍ତ କୁମାର ସେଠୀ, ପୋଲିସ୍ ବିଭାଗର ଉପ-ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ ।

********************

ଏହାର ନକଲ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,

ଢେଙ୍କାନାଳ